# ବାବା ଯାହାର ରକ୍ଷାକର୍ତ୍ତା

ପରିବାର କହିଲେ ମୁଁ, ମୋର ମା' ଓ ବାପା। ୨୦୦୭ ନଭେମ୍ବର ମାସ ୧୧ ତାରିଖ। ସେଦିନ ରବିବାର ଥାଏ। ବାପାଙ୍କୁ ସାମାନ୍ୟ ଜ୍ୱର ହେଲା। ଏମିତି ଛୋଟ ମୋଟ ଦେହ ଖରାପ କାହାର ବା ନ ହୁଏ ? କିନ୍ତୁ ସେଦିନର ଏହି ସାମାନ୍ୟ ଜ୍ୱର ଯେ ଆମ ପରିବାର ପାଇଁ ଏତେ ଦୁଃଖଦାୟକ ହେବ, ମୁଁ ଚିନ୍ତା ବି କରିନଥିଲି।

ଠିକ୍ ରାତି ୧୨ଟା ବେଳକୁ ଜ୍ୱର କ୍ରମଶଃ ବଢ଼ିବାକୁ ଲାଗିଲା। କୌଣସି ଔଷଧ କାମ କଲାନି। ମୋର ଆଖି ସାମାନ୍ୟ ଲାଗି ଯାଇଥାଏ। ମା' ମୋତେ ହଠାତ୍ ଡାକିଲେ। ସେତେବେଳେ ବାପାଙ୍କର ରକ୍ତବାନ୍ତି ଆରମ୍ଭ ହୋଇଗଲାଣି। ବାପା ପାଟି ଏତେ ଜୋରରେ ବନ୍ଦ କରିଥାଆନ୍ତି ଯେ, ପାଟିରେ ଟିକେ ପାଣି ଦେବା ମଧ୍ୟ ସମ୍ଭବ ହୋଇପାରିଲାନି। ସେତେବେଳେ ବାପାଙ୍କର କେବଳ ନିଶ୍ୱାସ ଯାଉଥାଏ କିନ୍ତୁ ଗୋଡ଼ ଓ ହାତ ସବୁ ସିଧା ହୋଇଯାଇଥାଏ।

ଗୋଟେ ଅଟୋରେ ବହୁ କଷ୍ଟରେ ତାଙ୍କୁ ଘୋଷାରି ଘୋଷାରି ଆଣି କଳିଙ୍ଗ ହସ୍ପିଟାଲ ନେଇଗଲି। ମାତ୍ର ସେଠାରେ ଡ୍ୟୁଟିରେ ଥିବା ଡାକ୍ତର କହିଲେ "ରୋଗୀ ବହୁତ ସିରିଅସ୍ ଏହାଙ୍କୁ ମସ୍ତିଷ୍କ ଜ୍ୱର। ତାଙ୍କୁ ବିବେକାନନ୍ଦ ହସ୍ପିଟାଲ ନେଇଯାଅ।" ସେଠା ହସ୍ପିଟାଲ ଆଇ.ସି.ୟୁରେ ତିନି ଦିନ ରହିବା ପରେ ଚତୁର୍ଥ ଦିନ ବେଳକୁ ବାପା ସାମାନ୍ୟ ସୁସ୍ଥ ହେଲେ। ସେତେବେଳକୁ ମୁଁ ମଧ୍ୟ ଶଯ୍ୟାଶାୟୀ ହୋଇଯାଇଥିଲି। ବାପାଙ୍କର ଟ୍ରିଟ୍‌ମେଣ୍ଟ ଉପର ମହଲାରେ ଚାଲିଥିବା ବେଳେ ମୁଁ ତଳ ମହଲାରେ ଟ୍ରିଟ୍‌ମେଣ୍ଟ ହେଉଥାଏ।

ମୁଁ ମା'ଙ୍କୁ ପଚାରିଲି ବାପାଙ୍କର ତକିଆତଳେ ଟିକେ 'ବାବା'ଙ୍କର ବିଭୂତି ରଖିବାକୁ। ମା' କିନ୍ତୁ ଆଶା ଛାଡ଼ି ଦେଇଥାଆନ୍ତି। ମଣିଷ ବୁଡ଼ିଗଲା ବେଳକୁ କୁଟାଖଣ୍ଡିଏ ଆଶ୍ରା କଲାଭଳି, ମା' ବୁଧବାର ରାତିସାରା ବସି 'ସାଇ କଥାମୃତ' ବହି ପଢ଼ିଲେ। ମା'ଙ୍କୁ ଜଣାଗଲା, ସତେ ଯେପରି ଏକ ଉଜ୍ଜ୍ୱଳ ଆଲୋକ ମା'ଙ୍କ କଡ଼ରୁ ବାହାରି ଝରକା ଦେଇ କେଉଁଆଡ଼େ ଚାଲିଗଲା। ମା' ଅଧର୍ଯ୍ୟ ହୋଇପଡ଼ିଲେ। ମାତ୍ର 'ବାବା' ଯାହାର ରକ୍ଷାକର୍ତ୍ତା ତା'ର କିଛି ବି ହବନି ଏହି ବିଶ୍ୱାସ ମୋର ଥିଲା। ଠିକ୍ ଗୁରୁବାର ଭୋର ବେଳକୁ ବାପା ସଂପୂର୍ଣ୍ଣ ରୂପେ ସୁସ୍ଥ ହେଲେ। ଏହା ଏକ ମିରାକେଲ୍ ନୁହେଁ କି ?

**ଦତ୍ତାତ୍ରେୟ ମିଶ୍ର**
**ଏଲ୍.ଆଇ.ଜି ୨୮/୧୧**
**ହାଉସିଂବୋର୍ଡ କଲୋନୀ**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**